# ପାହୁଣ୍ଡେ ଆଗକୁ ତ ଦି ପାହୁଣ୍ଡ ପଛକୁ - ସୂଚନା ଅଧୀକାର ଚିଠା-ଆଇନ୍ ୨୦୦୪

କିସ ଅବା ଦେଖା ନଯାଏ, ବଞ୍ଚିଥିଲେ ଜୀବନେ । ଉଭଟତା ସମ୍ବନ୍ଧରେ ଏହି ଲୋକବାକ୍ୟଟି ଷୋଳପଣ ସତ ହୋଇଥିଲା ଗତ ଅଗଷ୍ଟ ୧୪ରେ, ଯେଉଁଦିନ ଗୋଟିଏ ପଟରେ କେନ୍ଦ୍ରସରକାରଙ୍କ କର୍ମନିଯୋଜନ ମନ୍ତ୍ରଣାଳୟ 'ସୂଚନାର ସ୍ୱାଧୀନତା ଆଇନ୍-୨୦୦୨'(ସଂକ୍ଷେପରେ ସୂ.ସ୍ୱା.ଆ.)କୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ନିଜ ୱେବ୍‌ସାଇଟ୍‌ରେ ଚିଠା-ନିୟମାବଳୀର ବିଜ୍ଞାପନ କଲେ (ଦ୍ରଷ୍ଟବ୍ୟ- **http://persmin.nic.in**) ଓ ଅନ୍ୟପଟରେ କେନ୍ଦ୍ରସରକାରଙ୍କ ଜାତୀୟ ଉପଦେଷ୍ଟା ପରିଷଦ(ଏନ୍.ଏ.ସି.) ଏହାର ବିକଳ୍ପ, ନୂଆ ସଂସ୍କରଣ 'ସୂଚନାର ଅଧୀକାର ଆଇନ୍-୨୦୦୪'(ସଂକ୍ଷେପରେ ସୂ.ଅ.ଆ.)କୁ ଲାଗୁକରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସୁପାରିଶ୍ କଲେ (ଦ୍ରଷ୍ଟବ୍ୟ- **http://nac.nic.in**) । ସରକାରୀ ସ୍ତରରେ ଏବେସୁଦ୍ଧା ଫଇସଲା ହୋଇପାରିନି, କେଉଁଟା କାର୍ଯ୍ୟକାରୀ ହେବ- ସୂ.ସ୍ୱା.ଆ. କି ସୂ.ଅ.ଆ. ? ଫଳତଃ ସମଗ୍ର ସୂଚନା ଅଧିକାର ବ୍ୟାପାରଟା ତ୍ରିଶଙ୍କୁ ଅବସ୍ଥାରେ ଝୁଲି ରହିଛି । କେବଳ ପୁଣି ଏକ ବଳିଷ୍ଠ ଜନଗର୍ଜ୍ଜନ, ଗଣମାଧ୍ୟମର ଆଖିଝଲସା ବାର୍ତ୍ତାପରିବେଷଣ ବା ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ନିର୍ଣ୍ଣୟାତ୍ମକ ହସ୍ତକ୍ଷେପ ଫଳରେ ଏହି ଦୁରବସ୍ଥା ଘୁଞ୍ଚିପାରେ ।

ଆଉ ଏକ ବିଡମ୍ବନା ହେଲା, ମୁଷ୍ଟିମେୟ ତଥ୍ୟାଭିଜ୍ଞ ମହଲକୁ ବାଦଦେଲେ ଏନ୍.ଏ.ସି. ଅନୁମୋଦିତ ସୂ.ଅ.ଆ.ର ଚିଠା-ପ୍ରସ୍ତାବ ସମ୍ବନ୍ଧରେ ସାଧାରଣ ଲୋକ ଦୂରର କଥା, ଏପରିକି ସୂଚନା ଅଧିକାର ପାଇଁ ଆନ୍ଦୋଳନ କରିଆସୁଥିବା ବ୍ୟକ୍ତିବିଶେଷ ଓ ସଂଗଠନମାନେ ମଧ୍ୟ ଜାଣିନାହାନ୍ତି । ଖାଣ୍ଟି ଭାଷାରେ କହିଲେ, ସେମାନଙ୍କୁ ଏନ୍.ଏ.ସି. କିମ୍ବା ନୂତନ ଆଇନ୍‌ର ପ୍ରସ୍ତାବକ-ସଂସ୍ଥା ଏନ୍.ସି.ପି.ଆର୍.ଆଇ. (ସୂଚନାର ଜନାଧୀକାର ପାଇଁ ଜାତୀୟ ଅଭିଯାନ), କେହି ଏହା ସମ୍ବନ୍ଧରେ ଏକ ଜନବିତର୍କ ଜରିଆରେ ଜଣାଇବାର ସୁଯୋଗ ସୃଷ୍ଟି କରିନାହାନ୍ତି । କିନ୍ତୁ ଅନ୍ୟ ପକ୍ଷରେ ଲକ୍ଷ୍ୟ କରାଯାଇଛି ଯେ, ବିକଳ୍ପ ଚିଠା-ଆଇନ୍‌ର ବିଷୟବସ୍ତୁ ଭିତରକୁ ପ୍ରବେଶ ନକରି ଅନେକ ବ୍ୟକ୍ତିବିଶେଷ ନାହିରେ ତେଲ ଦେଇ ନିଶ୍ଚିନ୍ତରେ ଶୋଇ ଶୋଇ ଭାବୁଛନ୍ତି, ଯେତେବେଳେ କି ଏନ୍.ଏ.ସି.ରେ ମାଗ୍‌ସେସାୟ-ପୁରସ୍କୃତ ରାଜସ୍ଥାନ ସୂଚନା ଅଧୀକାର ଆନ୍ଦୋଳନର ଅବିସମ୍ବାଦିତ ନେତ୍ରୀ ଶ୍ରୀମତୀ ଅରୁଣା ରାୟ ଖୋଦ୍ ସଭ୍ୟା ରହି ବିକଳ୍ପ ଚିଠା-ଆଇନ୍‌କୁ ପେଶ୍‌କରି ଅଧ୍ୟକ୍ଷା ଶ୍ରମତୀ ସୋନିଆ ଗାନ୍ଧୀଙ୍କ ଦ୍ୱାରା ଗୃହୀତ କରେଇ ନେଇ ପାରିଛନ୍ତି, ତାହା କ'ଣ ଭୁଲ୍ ହୋଇଥିବ କି ? ଏହି ଲେଖକ ମତରେ ଏପ୍ରକାର ବୌଦ୍ଧିକ ଅନ୍ଧବିଶ୍ୱାସ କେବଳ ବର୍ତ୍ତମାନର ଆଲୋଚ୍ୟ ବ୍ୟାପାରରେ ନୁହେଁ, ଆମ ଜାତୀୟ ଜୀବନର ଅଧିକାଂଶ କ୍ଷେତ୍ରରେ ଘୋର୍ ବିପତ୍ତିର କାରଣ ହୋଇଛି ।

ସୂ.ଅ.ଆ.-୨୦୦୪କୁ ଅନୁଧ୍ୟାନ କଲାପରେ ଏହି ଲେଖକ ଗତ ୨୧ଅଗଷ୍ଟ ଓ ପୁଣି ୮ଅକ୍ଟୋବରରେ ୨ଥର ଏହାର ଗୁରୁତର ତ୍ରୁଟି ଓ ଅସଙ୍ଗତି ସମ୍ବନ୍ଧରେ ଶ୍ରୀମତୀ ରାୟ, ଏନ୍.ଏ.ସି.ରେ ସଭ୍ୟ ଥିବା ତାଙ୍କର ସହଯୋଗୀ ବନ୍ଧୁ ଖାଦ୍ୟ ସାର୍ବଭୌମତ୍ୱ ଆନ୍ଦୋଳନର ପ୍ରବକ୍ତା ଶ୍ରୀ ଜିଆନ୍ ଡ୍ରେଜ୍ ତଥା ତାଙ୍କର କେତେକ ଏନ୍.ସି.ପି.ଆର୍.ଆଇ. ସହକର୍ମୀଙ୍କ ନିକଟକୁ ପତ୍ରଦ୍ୱାରା ଜଣାଇଛି, କିନ୍ତୁ ଏବେବି ଉତ୍ତର ଅପେକ୍ଷାରେ । 'ଇଣ୍ଡିଆ ଟୁଗେଦର୍' ୱେବ୍‌ସାଇଟ୍ (**http://www.indiatogether.org**) ଲେଖକଙ୍କ ଉପରୋକ୍ତ ଟିପ୍‌ପଣୀକୁ ଗତ ୨୯ଅକ୍ଟୋବରରୁ ପ୍ରକାଶକରି ସେମାନଙ୍କର ଦୃଷ୍ଟି ଆକର୍ଷଣ କରିଥିବା ସତ୍ତ୍ୱେ ଏବେବି ସେମାନେ ନିରୁତ୍ତର । ଏହାଛଡ଼ା ଇତିମଧ୍ୟରେ ଗତ ଅକ୍ଟୋବର ୨୮ରେ ଭୁବନେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରଠାରେ ପ୍ରସ୍ତାବିତ ସୂ.ଅ.ଆ. ଉପରେ କେତେକ ଆଗ୍ରହୀ ବ୍ୟକ୍ତିବିଶେଷ ଓ ସଂଗଠନଙ୍କୁ ନେଇ ଏକ ମାନସମନ୍ଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ତ୍ରୁଟିପୂର୍ଣ୍ଣ ଚିଠା-ଆଇନ୍‌ର ସଂଶୋଧନ ସ୍ୱାର୍ଥରେ ଆଗାମୀ ୬ମାସ ଭିତରେ ଏକ ଜନବିତର୍କ ଆହ୍ୱାନ କରିବାର ଆବଶ୍ୟକତା ସପକ୍ଷରେ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇ ଶ୍ରୀମତୀ ସୋନିଆ ଗାନ୍ଧୀ ଓ ଶ୍ରୀମତୀ ଅରୁଣା ରାୟଙ୍କ ସମେତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟାନ୍ୟ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଛି । ଦେଖାଯାଉ ଫଳ କ'ଣ ହେଉଛି ?

ତୁଳନାକରି ଦେଖାଯାଇଛି, ପ୍ରସ୍ତାବିତ ସୂ.ଅ.ଆ. ପୂର୍ବ-ଗୃହୀତ ସୂ.ସ୍ୱା.ଆ.ର ତ୍ରୁଟି ଓ ଅଭାବଗୁଡ଼ିକୁ ଦୋହରାଇବା ସହିତ ନୂଆକରି କେତେକ ଗୁରୁତର ଅସଙ୍ଗତି ଓ ଜଟିଳତାକୁ ଜନ୍ମ ଦେଇଛି, ଯେଉଁ କାରଣରୁ କି ଏହା ସଂସଦରେ ଗୃହୀତ ହୋଇ ଆଇନ୍‌ରେ ପରିଣତ ହେଲେବି ଜନାଦୃତ ହେବା ଦୂରର କଥା, ମୂଳରୁ ଅକାମୀ ହୋଇ ପଡିରହିବ । ଏଠାରେ ସ୍ଥାନାଭାବ ଦୃଷ୍ଟିରୁ ଅଳ୍ପ କେତେକ ଦୃଷ୍ଟାନ୍ତ ଆଲୋଚନା କରାଯାଇପାରେ । ଏହାର ଧାରା ୨(ଛ)ରେ ସୂଚନାପ୍ରଦାନ ପାଇଁ ଉତ୍ତରଦାୟୀ 'ସର୍ବସାଧାରଣ କର୍ତ୍ତୃପକ୍ଷ'ର ସଂଜ୍ଞାଭିତରକୁ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ଟଣାଯାଇଛି, ଅଥଚ ପୂର୍ବ ଆଇନ୍ ଭଳି ସାଂସଦ, ବିଧାୟକ, ମନ୍ତ୍ରୀ ତଥା ରାଜନୈତିକ ଦଳମାନଙ୍କୁ ଏହାର ପରିସରରୁ ମୁକ୍ତ ରଖାଯାଇଛି । ରାଷ୍ଟ୍ରର ମଙ୍ଗୁଆଳମାନେ ନିଜେ ସ୍ୱଚ୍ଛ ନରହି ଅଧସ୍ତନମାନେ ସ୍ୱଚ୍ଛ ରହିବେ ବୋଲି ଆଇନ୍ କରିବା କେତେଦୂର ସମୀଚୀନ, ତାହା ସମସ୍ତେ ବୁଝି ପାରୁଥିବେ । ଏହାର ଧାରା ୭(୧) ଓ (୩) ପୂର୍ବ ଆଇନ୍ ଭଳି ବିଭ୍ରାନ୍ତିକର ଢଙ୍ଗରେ 'ଫି ' ଓ 'ଅନ୍ୟ ଫି', ଏହିଭଳି ୨ଟି ଶବ୍ଦ ବ୍ୟବହାର କରି ଦ୍ୱୈତ ଫି ବ୍ୟବସ୍ଥା ପାଇଁ ବାଟ ଖୋଲିଦେଇଛି । ପାଠକମାନଙ୍କ ମନେ ଥିବ ଯେ, ପୂର୍ବ ଆଇନ୍‌ରେ ଥିବା ବିଭ୍ରାନ୍ତିକର ପରିଭାଷାର ସୂତ୍ର ଧରି ସରକାର ଗତ ଅଗଷ୍ଟ ମାସରେ ଯେଉଁ ନିୟମାବଳୀ ବିଜ୍ଞପ୍ତି କରିଥିଲେ, ସେଥିରେ ୨ପ୍ରକାର ଫି ବ୍ୟବସ୍ଥା ( ଅଣଫେରନ୍ତା ଦରଖାସ୍ତ ଫି ଓ ସୂଚନା ପ୍ରସ୍ତୁତି ଫି) ଘୋଷଣା କରାଯାଇଥିଲା, ଯାହାକୁ କି ଏନ୍.ସି.ପି.ଆର୍.ଆଇ. ସମେତ ବହୁ ମହଲରୁ ତୀବ୍ର ବିରୋଧ କରାଯାଇଥିଲା । ଧାରା ୬ରେ ସୂଚନାପାଇଁ ଆବେଦନ ଓ ସଂପୃକ୍ତ ଅଧୀକାରୀଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ବହୁକଥା କୁହାଯାଇଥିଲେ ହେଁ, ମୂଳ ଆଇନ୍ ଭଳି ଏଥିରେ ଗୋଟିଏ ମୌଳିକ ଅଭାବ ରହିଯାଇଛି, ତାହା ହେଲା ସୂଚନା ପାଇଁ ଆବେଦନର ପ୍ରାପ୍ତିସ୍ୱୀକାର ରସିଦ । ଏହି ରସିଦ ହେଉଛି ଥାନାରୁ ମିଳୁଥିବା ଏଫ୍.ଆଇ.ଆର୍.ର ନକଲ ଭଳି । ଏହାବିନା ଜଣେ ଆବେଦନକାରୀ ସୂଚନାପ୍ରଦାନରେ ଅବହେଳା କରୁଥିବା ଅଧୀକାରୀଙ୍କ ସାମନାରେ ତାର ଦାବୀ ସାବ୍ୟସ୍ତ କରିବ କେମିତି ? ପୂର୍ବ ଆଇନ୍ ଭଳି ଚିଠା-ଆଇନ୍‌ର ଧାରା ୧୮ରେ ଅଛି ଯେ, କେନ୍ଦ୍ରୀୟ ନିୟମାବଳୀ ବୃତାନ୍ତଭାବେ ଜାରି ନହେବାଯାଏ, ରାଜସ୍ତରୀୟ

ନିୟମାବଳୀ ଘୋଷଣା ହୋଇପାରିବ ନାହିଁ । କିନ୍ତୁ ଏପ୍ରକାର କଟକଣା କେବଳ ଯେ ଆମର ସଂଘୀୟ ବ୍ୟବସ୍ଥା ସହିତ ଅସଙ୍ଗତ ତାହାନୁହେଁ, ବରଂ ଏହା ଧାରା ୧(୪)ରେ ସ୍ୱୀକୃତ ହୋଇଥିବା ରାଜ୍ୟ ସୂଚନା ଆଇନ୍‌ଗୁଡ଼ିକର ସ୍ୱତନ୍ତ୍ର ସ୍ଥିତିର ପରିପନ୍ଥୀ ।

ବର୍ତ୍ତମାନ ଆମେ ଦେଖିବା, ପ୍ରସ୍ତାବିତ ସୂ.ଅ.ଆ.ର ନୂଆ ଉପହାରଗୁଡ଼ିକ କିପରି ? ପ୍ରଥମତଃ ଏହାର ଧାରା ୧୨(୪)(୧)ରେ ଅଛି ଯେ, ଯଦି ସଂପୃକ୍ତ ଅଧୀକାରୀ ନିର୍ଦ୍ଧାରିତ ସମୟସୀମା ଭିତରେ ସୂଚନା ପ୍ରଦାନରେ ବିଳମ୍ବ କରିଛନ୍ତି ବୋଲି ପ୍ରମାଣ ହୁଏ, ତେବେ ପ୍ରତିଦିନର ବିଳମ୍ବ ପାଇଁ ୨୫୦ଟଙ୍କା ହିସାବରେ ତାଙ୍କ ଦରମାରୁ ବା ଭୂସମ୍ପତ୍ତିରୁ ଆଦାୟ କରାଯିବ । କିନ୍ତୁ ପ୍ରମାଣ ହେଲେ ତ ! କାରଣ ଧାରା ୧୨(୪) (୫) ଅନୁଯାୟୀ ପ୍ରଚଳିତ ଚାକିରୀ ନିୟମାବଳୀ ଭିତ୍ତିରେ ଅଭିଯୁକ୍ତ ଅଧୀକାରୀଙ୍କର ବିଚାର ହେବ । ସମସ୍ତେ ଜାଣନ୍ତି, ଉଭୟ କେନ୍ଦ୍ରୀୟ ଓ ରାଜ୍ୟ ଚାକିରୀ ନିୟମାବଳୀ (ଦୃଷ୍ଟାନ୍ତ ସ୍ୱରୂପ, ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ନିୟମାବଳୀ ୧୯୫୯ର ଧାରା ୧୧) ଅନୁଯାୟୀ ଉପରିସ୍ଥ ଅଧୀକାରୀଙ୍କ ବିନାନୁମତିରେ କାହାକୁ ସରକାରୀ ତଥ୍ୟ ପ୍ରଦାନ କରିବା ହେଉଛି ବର୍ତ୍ତମାନ ଦଣ୍ଡନୀୟ । ଚିଠା-ଆଇନ୍‌ର ଏହି ଗୁରୁଚଣ୍ଡାଳ ଦୋଷ ଅଭିଯୁକ୍ତ ଅଧୀକାରୀମାନଙ୍କୁ ଷୋଳପଣ ସୁହାଇବ, ଏଥିରେ ସନ୍ଦେହ ନାହିଁ । ଚିଠା-ଆଇନ୍‌ର ଆଉ ଗୋଟିଏ ବିଶିଷ୍ଟ ଉପହାର ହେଲା, ଧାରା ୧୨(୧) ଅନୁଯାୟୀ ଅପିଲ୍ ଶୁଣାଣି ଓ ଆଇନ୍‌ର କାର୍ଯ୍ୟକାରିତା ତଦାରଖପାଇଁ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଦ୍ୱାରା କେନ୍ଦ୍ର ଓ ରାଜ୍ୟସ୍ତରରେ ଅଭିଜ୍ଞ ଓ ନିରପେକ୍ଷ ବ୍ୟକ୍ତିମାନଙ୍କୁ ସୂଚନା କମିଶନର୍ ଭାବେ ନିଯୁକ୍ତି ଦିଆଯିବ, ଯେଉଁମାନେ କି ସ୍ୱତନ୍ତ୍ର ଓ ସ୍ୱୟଂକ୍ରିୟ ସଂସ୍ଥାରୂପେ କାର୍ଯ୍ୟକରିବେ । କାନକୁ ଏକଥା ଭଲ ଶୁଭୁଛି ନିଶ୍ଚୟ । କିନ୍ତୁ ଯେତେବେଳେ ଚାରିଆଡ଼େ ଅମଲାତନ୍ତ୍ରର କଳେବରକୁ କ୍ଷୁଦ୍ରକରିବାର ହାଉଆ ବହୁଛି ଓ ଅଫିସ୍ ଓ ପଦବୀଗୁଡ଼ିକର କ୍ରମାଗତ ଉଚ୍ଛେଦ ଘଟିଚାଲିଛି, ସେପରିସ୍ଥଳେ କେନ୍ଦ୍ରରୁ ରାଜ୍ୟଯାଏ ଆଉ ମାଳେ ଦପ୍ତର ଖୋଲିବାର ପ୍ରସ୍ତାବ କେତେଦୂର ବାସ୍ତବ ? ବର୍ତ୍ତମାନର ଭିଜିଲାନ୍ସ ବିଭାଗ, ଯାହାର କି କେନ୍ଦ୍ରଠାରୁ ରାଜ୍ୟଯାଏଁ ଦପ୍ତରମାନ ବିଧିବଦ୍ଧ କାମ କରୁଛି, ତାକୁ ଅପିଲ୍ କର୍ତ୍ତୃପକ୍ଷଭାବେ ଘୋଷଣା କରିବାରେ ବାଧା କେଉଁଠି ଅଛି ? ପୁଣି ସୂଚନା କମିଶନରଙ୍କ କ୍ଷମତା ପରିସର ସମ୍ବନ୍ଧରେ ଧାରା ୧୨ ଓ ୧୬ରେ ଯାହାସବୁ ଉଲ୍ଲେଖ ଅଛି, ସେଥିରୁ ଜଣାପଡ଼େ ଯେ, ଜଣେଜଣେ ସୂଚନା କମିଶନର୍ ଏକାଧାରରେ ଅପିଲ୍ ଶୁଣିବେ, ଅନୁସନ୍ଧାନ ଏପରିକି ଅଚାନକ ତନଖି କରିବେ ତଥା ଆଇନ୍‌ର କାର୍ଯ୍ୟକାରିତାକୁ ତଦାରଖ କରି ସିଧାସଳଖ ସଂସଦ ନିକଟରେ ରିପୋର୍ଟ କରିବେ । ଏପ୍ରକାର ପ୍ରସ୍ତାବନା କେବଳ ଯେ ଆର୍ଥିକ-ପ୍ରଶାସନିକ ଦିଗରୁ ଅବାସ୍ତବ ତାହାନୁହେଁ, ଆଇନ୍‌ଗତ ଦୃଷ୍ଟିରୁ ଉଦ୍ଭଟ ମଧ୍ୟ । ଆମର ପ୍ରଚଳିତ ରାଷ୍ଟ୍ରବ୍ୟବସ୍ଥାରେ ଯିଏ ବିଚାରକ, ସେ ଅନୁସନ୍ଧାନକାରୀ ନୁହେଁ, ପୁଣି ଯିଏ ଅନୁସନ୍ଧାନ କରିବ, ସେ ବିଚାରକ ହୋଇପାରିବ ନାହିଁ । ଯେଉଁ ପୋଲିସ ଅନୁସନ୍ଧାନ କରୁଛି, ସେ କୋର୍ଟରେ ହାକିମ ହୋଇ ପାରିବ କି ? ପୁଣି ଯିଏ ହାକିମ ହୋଇ ରାୟ ଶୁଣାଉଛି, ସେ ପୋଲିସ୍ ହୋଇ ଅନୁସନ୍ଧାନ କରିପାରିବ କି ? ପ୍ରସ୍ତାବିତ ଆଇନ୍‌ର ଆଉ ଗୋଟିଏ ମନଭୁଲାଣିଆ ଭେଟି ହେଲା, ଧାରା ୧(୩) ଅନୁଯାୟୀ ଏହା ସଂସଦରେ ଗୃହୀତ ହେବାର ୧୨୦ ଦିନ ମଧ୍ୟରେ କାର୍ଯ୍ୟକାରୀ ହେବ । କିନ୍ତୁ ସମସ୍ତେ ଜାଣନ୍ତି, ଆଇନ୍ ହୋଇଗଲା ପରେ ମଧ୍ୟ ଆବଶ୍ୟକୀୟ ନିୟମାବଳୀ ପ୍ରଣୀତ ହୋଇ ସଂସଦର ଅନୁମୋଦନ କ୍ରମେ ଚୂଡ଼ାନ୍ତଭାବେ ବିଜ୍ଞାପିତ ନହେବା ଯାଏ, ଆଇନ୍‌ଟି କାର୍ଯ୍ୟକାରୀ ହେଲାବୋଲି କୁହାଯାଇ ପାରିବନି । ଏହି ଦୃଷ୍ଟିରୁ ଦେଖିଲେ, ଉପରୋକ୍ତ ଧାରା୧(୩) ସହିତ ଧାରା ୨୦(୧)ର କୌଣସି ତାଳମେଳ ନାହିଁ, କାରଣ ଏଥିରେ କୌଣସି ସମୟସୀମା ସୂଚିତ ନକରି କୁହାଯାଇଛି ଯେ, ପ୍ରଣୀତ ନିୟମାବଳୀ 'ଯଥାଶୀଘ୍ର ସମ୍ଭବ' ସଂସଦରେ ଉପସ୍ଥାପିତ ହେବ । କେତେଦିନ ଧରି ପଡ଼ିରହି ଏହା ସଂସଦୀୟ ମଞ୍ଜୁରି ଲାଭ କରିବ, ତାହାମଧ୍ୟ ସୂଚିତ ହୋଇନାହିଁ ।

ପୂର୍ବ ଆଇନ୍ ତୁଳନାରେ ଚିଠା-ଆଇନ୍‌ର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଭାବ ହେଲା, ଏଥିରେ ଉଦ୍ଦେଶ୍ୟ-ଆଭିମୁଖ୍ୟର ବୟାନ୍ (**Statement of Objects and Reasons**) ନାହିଁ, ଯାହାକି ଆଇନତଃ ଅପରିହାର୍ଯ୍ୟ । ଅବଶ୍ୟ ଧାରା୧(୫) ଅଧୀନରେ କେତେଗୁଡ଼ିଏ ଲକ୍ଷ୍ୟ ସୂଚିତ ହୋଇଛି, କିନ୍ତୁ ବୟାନ ହେଉଛି ଆଇନ୍‌ର ମୁଖବନ୍ଧ ଭଳି, ଯେଉଁଥିରେ ଲକ୍ଷ୍ୟସମୂହ ସହିତ, ଐତିହାସିକ, ପୃଷ୍ଠଭୂମି, ସାଂପ୍ରତିକ ପରିପ୍ରେକ୍ଷିରେ ଏହାର ଅପରିହାର୍ଯ୍ୟତା ତଥା ଭବିଷ୍ୟତର ପରିଯୋଜନା ସଂକ୍ଷିପ୍ତ ଅଥଚ ଭାବଗର୍ଭକ ଭାବେ ସୂଚିତ ହୋଇଥାଏ । ସୂ.ସ୍ୱା.ଆ.-୨୦୦୨ରେ ଏପ୍ରକାର ଏକ ବୟାନ୍ ସଂଶ୍ଳିଷ୍ଟ ହୋଇଥିଲା, ଓ ଏଥିରେ ଅନ୍ୟପ୍ରସଙ୍ଗ ସହିତ ସାଧାରଣ ନାଗରିକ ନିକଟରେ ପ୍ରଶାସନିକ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ଆଖିଆଗରେ ରଖି ଦେଶର ଔପନିବେଶିକ କାନୁନୀ ବ୍ୟବସ୍ଥାକୁ ସାମଗ୍ରୀକଭାବେ ସଂସ୍କାର ଓ ଆଧୁନିକୀକରଣ କରେଇବାର ଅଙ୍ଗୀକାର ଉଲ୍ଲେଖ ଥିଲା । ପ୍ରସ୍ତାବିତ ଆଇନ୍‌ରେ ଏହି ବୟାନକୁ ଆବଶ୍ୟକୀୟ ସଂଶୋଧନ ସହ ଯୋଡ଼ାଯାଇ ପାରିଥାନ୍ତା । ସମ୍ବିଧାନର ୩ୟ ସରଣୀରେ ଥିବା ମନ୍ତ୍ରୀମାନଙ୍କ ପାଇଁ ଗୋପନୀୟତାର ଶପଥବ୍ୟବସ୍ଥା, ଯାହାକି ଏକ ଔପନିବେଶିକ ପରମ୍ପରା ଓ ଯାହାକି ସାମଗ୍ରୀକ ପ୍ରଶାସନିକ ସ୍ୱଚ୍ଛତା ଆଣିବା ରାସ୍ତାରେ ଏକ ସାମ୍ବିଧାନିକ ବାଧା, ତାକୁ କାଳକ୍ରମେ ହଟାଇବାର ପ୍ରତିଶ୍ରୁତି ମଧ୍ୟ ଏହି ବୟାନରେ ସ୍ଥାନିତ ହୋଇ ପାରିଥାନ୍ତା ।

ଏକଥା ସତ, କ୍ଷମତାସୀନ ୟୁ.ପି.ଏ. ସରକାର ତାଙ୍କ 'ସାଧାରଣ ସର୍ବନିମ୍ନ କର୍ମସୂଚୀ'ରେ ସୂଚନା ଆଇନ୍‌କୁ ଅଧିକ 'ପ୍ରଗତିଶୀଳ, ଲୋକମୁଖୀ ତଥା ଫଳପ୍ରଦ' କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏହାର ମାନେ ନୁହେଁ, ବିନା ଜନବିତର୍କରେ ମୁଷ୍ଟିମେୟ ବ୍ୟକ୍ତି ଓ ସଂଗଠନ ମନମୁଖୀଭାବେ ଏକ ଅଧିକ ପ୍ରତିକ୍ରିୟାଶୀଳ, ଲୋକ-ବିମୁଖ ଓ ଅପଦାର୍ଥ ଚିଠା-ଆଇନ୍‌କୁ ତିଆରି କରି ଜନଗଣଙ୍କ ଉପରେ ଲଦିଦେବେ । ସୁତରାଂ ବର୍ତ୍ତମାନ ସ୍ଥିତିରେ ସବୁଆଡ଼କୁ ବିଚାର କରି ଏନ୍.ଏ.ସି. ପକ୍ଷେ ଉଚିତ୍ ହେଉଛି, ସୂଚନା ଅଧୀକାର ଚିଠା-ଆଇନ୍ ଉପରେ ଆଗାମୀ ୬ମାସ ଧରି ଏକ ଦେଶବ୍ୟାପୀ ଜନବିତର୍କ ଆହ୍ୱାନ୍ କରିବା ।

**Chitta Behera, JubileeTower,ChoudhuryBazar,Cuttack-9, Dated 11th Nov. 2004**
**PHONE: 0671-2623518, Email: chittabehera@rediffmail.com**